## ଭାରତର ପ୍ରଧାନମନ୍ତ୍ରୀ ଏବଂ UK ର ପ୍ରଧାନମନ୍ତ୍ରୀଙ୍କର ଭାରତୀୟ ଏବଂ UKର ବ୍ୟବସାୟୀ ନେତୃବୃନ୍ଦଙ୍କ ସହିତ ସାକ୍ଷାତ (ଜୁଲାଇ 24, 2025)

ଜୁଲାଇ 24, 2025

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ UKର ପ୍ରଧାନମନ୍ତ୍ରୀ, ମହାମହିମ ସାର୍ କୀର୍ ଷ୍ଟାରମର୍ ଆଜି ଐତିହାସିକ ଭାରତ-UK ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା [CETA] ସ୍ୱାକ୍ଷରିତ ହେବା ପରେ ଭାରତ ଏବଂ UK ର ବ୍ୟବସାୟୀ ନେତୃବୃନ୍ଦଙ୍କ ସହିତ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ଅବସରରେ ସ୍ୱାସ୍ଥ୍ୟ, ଫାର୍ମାସ୍ୟୁଟିକାଲ୍ସ, ରତ୍ନ ଓ ଅଳଙ୍କାର, ଅଟୋମୋବାଇଲ୍, ଶକ୍ତି, ବିନିର୍ମାଣ, ଟେଲିକମ୍, ପ୍ରଯୁକ୍ତି, IT, ଲଜିଷ୍ଟିକ୍ସ, ବୟନଶିଳ୍ପ ଏବଂ ଆର୍ଥିକ ସେବା କ୍ଷେତ୍ରରୁ ଉଭୟ ପକ୍ଷର ପ୍ରମୁଖ ଉଦ୍ୟୋଗପତିମାନେ ଉପସ୍ଥିତ ଥିଲେ। ଏହି କ୍ଷେତ୍ରଗୁଡ଼ିକ ଉଭୟ ଦେଶରେ ନିଯୁକ୍ତି ସୃଷ୍ଟି ଏବଂ ଅନ୍ତର୍ଭୁକ୍ତିକରଣ ଅର୍ଥନୈତିକ ବିକାଶରେ ଯଥେଷ୍ଟ ଯୋଗଦାନ ଦେଉଛନ୍ତି।

2. ନିକଟ ଅତୀତରେ ହୋଇଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ସମ୍ପର୍କର ସମ୍ପ୍ରସାରଣକୁ ଉଭୟ ନେତୃବୃନ୍ଦ ଉଲ୍ଲେଖ କରିଥିଲେ। ବ୍ୟବସାୟୀ ନେତୃବୃନ୍ଦଙ୍କ ସହ ଆଲୋଚନା କରି, ବାଣିଜ୍ୟ, ନିବେଶ ଏବଂ ନବସୃଜନ ସହଭାଗିତାକୁ ଗଭୀର କରିବା ପାଇଁ CETA ରୁ ଆସୁଥିବା ସୁଯୋଗଗୁଡ଼ିକର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବାକୁ ସେମାନେ ପ୍ରୋତ୍ସାହିତ କରିଥିଲେ। ବର୍ଦ୍ଧିତ ଦ୍ୱିପାକ୍ଷିକ ସହଯୋଗ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କ ମିଳିତ ପ୍ରତିଶ୍ରୁତିବଦ୍ଧତାକୁ ପୁନଃପୁଷ୍ଟି କରିବା ସହ ସେମାନେ ଉଲ୍ଲେଖ କରିଥିଲେ ଯେ ଏହି ନୂଆ ଚୁକ୍ତିନାମା ଉଭୟ ଅର୍ଥବ୍ୟବସ୍ଥାରେ ବ୍ୟବସାୟିକ ଭାବନା ଏବଂ ବୈଶ୍ୱିକ ଅର୍ଥନୈତିକ ପରିଦୃଶ୍ୟକୁ ପ୍ରୋତ୍ସାହନ ପ୍ରଦାନ କରିବ। CETA ର ବାସ୍ତବିକ ଲାଭଗୁଡ଼ିକ ଉପରେ ଆଲୋକପାତ କରି, ଉଭୟ ନେତୃବୃନ୍ଦ ଏକ ପ୍ରଦର୍ଶନୀ ବୁଲି ଦେଖିଥିଲେ ଯେଉଁଥିରେ ଉଭୟ ଦେଶର ପ୍ରମୁଖ ଉତ୍ପାଦ ଏବଂ ନବସୃଜନର ଏକ ପ୍ରଭାବଶାଳୀ ଶୃଙ୍ଖଳା ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶିତ ସାମଗ୍ରୀଗୁଡ଼ିକରେ ରତ୍ନ ଓ ଅଳଙ୍କାର, ଇଞ୍ଜିନିୟରିଂ ସାମଗ୍ରୀ, ଗୁଣାତ୍ମକ ଉପଭୋକ୍ତା ଉତ୍ପାଦ ଏବଂ ଉନ୍ନତ ପ୍ରଯୁକ୍ତିଗତ ସମାଧାନ ଅନ୍ତର୍ଭୁକ୍ତ ଥିଲା।

3. ଭାରତ-UK ର ବ୍ୟବସାୟୀ ନେତୃବୃନ୍ଦ ଏହି ଐତିହାସିକ ବାଣିଜ୍ୟ ଚୁକ୍ତିନାମାକୁ ସ୍ୱାଗତ କରିବା ସହ ଆଶା ବ୍ୟକ୍ତ କରିଥିଲେ ଯେ ଏହା ବ୍ୟାପକ ରଣନୈତିକ ସହଭାଗିତାରେ ଏକ ନୂଆ ଯୁଗର ଆରମ୍ଭ କରିବ ଏବଂ କେବଳ ବାଣିଜ୍ୟ ଓ ଅର୍ଥନୀତିରେ ନୁହେଁ, ବରଂ ଉଦୀୟମାନ ପ୍ରଯୁକ୍ତି, ଶିକ୍ଷା, ନବସୃଜନ, ଅନୁସନ୍ଧାନ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସହଯୋଗକୁ ଅଧିକ ଗଭୀର କରିବ।

4. ଉଭୟ ନେତୃବୃନ୍ଦ ଆଗାମୀ ବର୍ଷଗୁଡ଼ିକରେ ଛୋଟ ଏବଂ ବଡ଼ ବ୍ୟବସାୟଗୁଡ଼ିକୁ ନୂଆ ଚୁକ୍ତିନାମାର ସମ୍ଭାବନାକୁ ଉପଯୋଗ କରିବାରେ ସମର୍ଥନ କରିବାକୁ ଏବଂ ଅର୍ଥନୈତିକ ସହଯୋଗର ବନ୍ଧନକୁ ଅଧିକ ଗଭୀର କରିବାକୁ ସେମାନଙ୍କର ପ୍ରତିଶ୍ରୁତିବଦ୍ଧତାକୁ ପୁନଃପୁଷ୍ଟି କରିଥିଲେ।

ଲଣ୍ଡନ

ଜୁଲାଇ 24, 2025